ODM EDUCATIONAL GROUP

*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :8**
**CLASS :3**
**SUBJECT : ODIA**
**CHAPTER NUMBER: 10**
**CHAPTER NAME : ଗାଁ ବୁଲା**
**SUBTOPIC : ପଠନ କ୍ରିୟା ଓ ଅଭ୍ୟାସ-୯ ପ୍ରଶ୍ନ ଉତ୍ତର ଲେଖ |**

**ଅଧ୍ୟୟନର ଉଦ୍ଦେଶ୍ୟ –**

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଲିଖନ  ଶୈଳୀ ର ଅଭିବୃଦ୍ଧି କରାଇବା  |




Wikimedia Commons

Bhutnath Painting Academy

# ଗାଁ ବୁଲା

ODM EDUCATIONAL GROUP



# ଗାଁ ବୁଲା

ପୁରୁଷୋତ୍ତମପୁର ଗାଁରେ ତିଲୋତ୍ତମା ଦେବୀଙ୍କ ଘର । ପ୍ରଥମାଷ୍ଟମୀ ଦୁଇଦିନ




ଥାଏ । ତିଲୋତ୍ତମା ଦେବୀ ତାଙ୍କ ଝିଅ ଅନୁଷ୍କାକୁ ଧରି ବଜାର ବାହାରିଲେ । ବାଟରେ ପୋଷ୍ଟ ଅଫିସ ଦେଖି ଅନୁଷ୍କା ପଚାରିଲା ''ମା', ଏଠାରେ କ'ଣ


47TQ4D













ODM EDUCATIONAL GROUP



ODM EDUCATIONAL GROUP
Changing your Tomorrow



ହୁଏ ?'' ତିଲୋତ୍ତମା ଝିଅର କଥାଶୁଣି ଉତ୍ତର ଦେଲେ, ''ଏହା ଗୋଟିଏ ପୋଷ୍ଟ ଅଫିସ । ଏଠାରେ ପୋଷ୍ଟକାର୍ଡ଼, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଟେଲିଗ୍ରାମ୍ ଫର୍ମ



ଇତ୍ୟାଦି ମିଳେ । ଦୂରଜାଗାକୁ ଟଙ୍କା ପଠାଇବା ଓ ଖବର ପଠାଇବାରେ ପୋଷ୍ଟ ଅଫିସ ସାହାଯ୍ୟ କରେ । ଆଜିକାଲି ମୋବାଇଲ୍ ଫୋନ୍‌ରେ ବହୁତ ଦୂର ଜାଗାକୁ କମ୍ ସମୟରେ ଖବର ପଠାଯାଇ ପାରୁଛି ।"

କିଛିବାଟ ଗଲାପରେ ଅନୁଷ୍କା ମସ୍‌ଜିଦ୍‌ଟିଏ ଦେଖି ପଚାରିଲା, "ମା', ଏଇଟା କ'ଣ ?" ମା' କହିଲେ "ଏ ହେଉଛି ମସ୍‌ଜିଦ୍ । ମୁସଲମାନମାନେ ଏଠି ପ୍ରାର୍ଥନା କରନ୍ତି । ହିନ୍ଦୁମାନେ ମନ୍ଦିରରେ ପୂଜାପାଠ କରନ୍ତି । ଭଜନ କୀର୍ତ୍ତନ କରନ୍ତି । ସେଭଳି ଖ୍ରୀଷ୍ଟିୟାନ୍‌ମାନେ ଗିର୍ଜାରେ ପ୍ରାର୍ଥନା କରନ୍ତି ।

PATHAGARA.ODIAPORTAL.IN
By OdiaPortal.in



ଶିଖ୍‌ମାନେ ଗୁରୁଦ୍ୱାରରେ ପ୍ରାର୍ଥନା କରନ୍ତି । ମସ୍‌ଜିଦ୍, ମନ୍ଦିର, ଗିର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଧର୍ମ ଅନୁଷ୍ଠାନ । ସବୁ ଧର୍ମ ସମାନ । କେହି ସାନ ବଡ଼ ନୁହନ୍ତି ।"



ODM EDUCATIONAL GROUP

# ମସ୍‌ଜିଦ୍



# ମନ୍ଦିର

ODM EDUCATIONAL GROUP
Changing your Tommorrow



# ଗୀର୍ଜା



# ଗୁରୁଦ୍ୱାର

ODM EDUCATIONAL GROUP







ଅନୁଷ୍କା ପଚାରିଲା, "ମା', ଆମେ ପୋଷାକ କିଣିବାନାହିଁ କି ?" ତିଳୋତ୍ତମା ଦେବୀ ଉତ୍ତର ଦେଲେ "ହଁ, ଆମେ ତ ଆସି ବଜାର ପାଖରେ ପହଞ୍ଚିଗଲେ ।"

ଅନୁଷ୍କା କହିଲା, "ମା', ତୁମେ ଯେଉଁ ହାଟକୁ ଯାଅ ସେଇଟା ପୁଣି କ'ଣ ?" ତିଳୋତ୍ତମା ଦେବୀ କହିଲେ, "ହାଟ ସାତଦିନରେ ଥରେ ବା ଦୁଇଥର ବସେ । ବିଭିନ୍ନ ପ୍ରକାରର ଜିନିଷ ମିଳେ । ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି କିଣାବିକା କରନ୍ତି । ହାଟ ସରିଲା ପରେ ଦୋକାନଗୁଡ଼ିକ ସବୁ ଉଠିଯାଏ । ଗୋଟିଏ ଜାଗାରେ ବିଭିନ୍ନ ପ୍ରକାରର ଦୋକାନ ଥିଲେ ତାକୁ ବଜାର କହନ୍ତି । ଏହା ସବୁଦିନ ଖୋଲାରୁହେ ।" ତା'ପରେ ଅନୁଷ୍କାର ଜାମା କିଣା ହେଲା । ସେ ଖୁସିମନରେ ଘରକୁ ଫେରିଲା ।



## ଅଭ୍ୟାସ -୯ ପ୍ରଶ୍ନ ଉତ୍ତର ଲେଖ ।

କ-ତୁମ ଗାଁ ନିକଟରେ ଥିବା ପୋଷ୍ଟଅଫିସ ରେ କଣ କଣ କିଣିବାକୁ ମିଳେ ?

ଉ-ଆମ ଗାଁ ନିକଟରେ ଥିବା ପୋଷ୍ଟଅଫିସ ରେ ପୋଷ୍ଟକାର୍ଡ, ଲଫାପା,ଅନ୍ତର୍ଦ୍ଦେଶୀୟ ପତ୍ର,ଟେଲିଗ୍ରାମ ଫର୍ମ ଇତ୍ୟାଦି ମିଳେ ।

ଖ-ତୁମ ଅଞ୍ଚଳର ଲୋକମାନେ କେଉଁଠାରେ ଟଙ୍କାଜମାରଖନ୍ତି ?

ଉ –ଆମ ଅଞ୍ଚଳର ଲୋକମାନେ ପୋଷ୍ଟଅଫିସ ଓ ବ୍ୟାଙ୍କରେ ଟଙ୍କା ଜମା ରଖନ୍ତି ।

ଗ - ପୋଷ୍ଟଅଫିସ ରେ କି କି କାମ ହୁଏ ?

ଉ –ପୋଷ୍ଟ ଅଫିସ ରେ ଦୂର ଜାଗାକୁ ଟଙ୍କା ପଠାଇବା,ଚିଠି ପଠାଇବା ,ଖବର ପଠାଇବା ଓ ଟଙ୍କା ଜମା କରିବା ଇତ୍ୟାଦି କାମ ସବୁ ହୁଏ ।

ODM EDUCATIONAL GROUP
Changing your Tomorrow

## ଅଭ୍ୟାସ -୯ ପ୍ରଶ୍ନ ଉତ୍ତର ଲେଖ |

ଘ-ତୁମ ଘର ନିକଟରେ କେଉଁସବୁ ଧର୍ମ ଅନୁଷ୍ଠାନ ଅଛି ?

ଉ- ଆମ ଘର ନିକଟରେ ମନ୍ଦିର ,ମସ୍‌ଜିଦ୍‌,ଗିର୍ଜା,ଗୁରୁଦ୍ୱାର ଓ ବୌଦ୍ଧ ମନ୍ଦିର ଆଦି ଧର୍ମ ଅନୁଷ୍ଠାନ ଅଛି |

ଙ -କୌଣସି  କାରଣରୁ ତୁମ ଅଞ୍ଚଳରେ \ଗାଁରେ ପୋଷ୍ଟଅଫିସ  ବନ୍ଦ କରି ଦିଆଗଲେ ତୁମର କି କି ଅସୁବିଧା ହେବ ?

ଉ –କୌଣସି  କାରଣରୁ ଆମ ଅଞ୍ଚଳରେ ପୋଷ୍ଟଅଫିସ ବନ୍ଦ କରି ଦିଆଗଲେ ଆମ ଅଞ୍ଚଳର ଲୋକମାନେ ଦୂର ଜାଗାକୁ ଟଙ୍କାପଠାଇବା, ଚିଠି ପଠାଇବା ,ଖବର ପଠାଇବା, ଟଙ୍କା ଜମାକରିବା ଓ ଟେଲିଗ୍ରାମ ଇତ୍ୟାଦି କାର୍ଯ୍ୟ କରିବା ପାଇଁ ଅସୁବିଧା ରେ  ସମ୍ମୁଖୀନ ହେବେ |ଏସବୁ କାର୍ଯ୍ୟ ପାଇଁ ସେମାନଙ୍କୁ ଦୂର ସ୍ଥାନରେ ଥିବା ପୋଷ୍ଟ ଅଫିସ କୁ ଯିବାକୁ ପଡିବ |

ODM EDUCATIONAL GROUP
Changing your Tomorrow

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

ODM EDUCATIONAL GROUP
Changing your Tommorrow

୧ –ପୁରୁଷୋତ୍ତମପୁର ଗାଁରେ କାହାର ଘର ?
୨–କାହାକୁ ଧରି ତିଳୋତ୍ତମା ଦେବୀ ବଜାର ବାହାରିଲେ?
୩ – ବାଟରେ ପ୍ରଥମେ ଅନୁଷ୍କା କଣ ଦେଖିଲା ?
୪ –ପୋଷ୍ଟ ଅଫିସ ରେ କଣ କଣ ମିଳେ ?
୫ –ଆଜିକାଲି ଆମେ କାହା ସାହାଯ୍ୟରେ କମ ସମୟ ମଧ୍ୟରେ ଦୂର ଜାଗାକୁ ଖବର ପଠାଇ ପାରୁଛେ ?
୬ – ମୁସଲମାନ ମାନେ କେଉଁଠାରେ ପ୍ରାର୍ଥନା କରନ୍ତି ?
୭ – ଖ୍ରୀଷ୍ଟିୟାନ୍‌ମାନେ କେଉଁଠାରେ ପ୍ରାର୍ଥନା କରନ୍ତି ?
୮ –ହିନ୍ଦୁ ମାନେ କେଉଁଠାରେ ପୂଜାପାଠ କରନ୍ତି ?
୯-ବଜାର କାହାକୁ କହନ୍ତି ଓ ହାଟ କାହାକୁ କହନ୍ତି ?

# ଗୃହକର୍ମ

## ଅଭ୍ୟାସ –୯(ଙ,ଚ,ଛ)କୁ ଖାତାରେ ଲେଖ |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP